# NATIONAL NEWS BULLETIN (ODIA)

## 8 July 2026

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ସମସ୍ତ ପ୍ରକାର ଆତଙ୍କବାଦକୁ ଦୃଢ଼ ନିନ୍ଦା କରିଛନ୍ତି ଭାରତ ଓ ଇଣ୍ଡୋନେସିଆ ।

– ଜାକର୍ତ୍ତାଠାରେ ପ୍ରଧାନମନ୍ତ୍ରୀ ଓ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ଅନୁଷ୍ଠିତ ।

- ଭାରତ-ବାହାରିନ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ ହେଉଛି, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

- ଇରାନ୍ ବିରୁଦ୍ଧରେ ପୁଣିଥରେ ସାମରିକ ପଦକ୍ଷେପ ଗ୍ରହଣ କରିଛି ଆମେରିକୀୟ ସେନା ।

- ଭେନେଜୁଏଲା ଭୂକମ୍ପରେ ୩ ହଜାର ୬୮୫କୁ ବୃଦ୍ଧି ପାଇଲା ମୃତ୍ୟୁ ସଂଖ୍ୟା ।

ଏବଂ

- ଟେଷ୍ଟବ୍ରିଜ୍ ଟି-ଟ୍ୱେଣ୍ଟିରେ ଭାରତକୁ ୧୨୫ରନ୍‌ରେ ପରାସ୍ତ କଲା ଇଂଲଣ୍ଡ ।

## ଇଣ୍ଡିଆ-ଇଣ୍ଡୋନେସିଆ ଜଏଣ୍ଟ ଷ୍ଟେଟ୍‌ମେଣ୍ଟ

ଭାରତ ଏବଂ ଇଣ୍ଡୋନେସିଆ ସମସ୍ତ ପ୍ରକାର ଆତଙ୍କବାଦକୁ ଦୃଢ଼ ନିନ୍ଦା କରିଛନ୍ତି । ଜାକର୍ତାଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ୍ୱ ସୁବିଆନ୍ତୋଙ୍କ ମଧ୍ୟରେ ଦ୍ୱିପାକ୍ଷିକ ଆଲୋଚନା ପରେ ଜାରି ଏକ ମିଳିତ ବିବୃତ୍ତିରେ ଆନ୍ତର୍ଜାତିକ ଆଇନ୍ ଅନୁଯାୟୀ ଆହ୍ୱାନର ମୁକାବିଲା ଦିଗରେ ନିର୍ଣ୍ଣାୟକ, ସମନ୍ୱିତ ଏବଂ ଆନ୍ତର୍ଜାତିକ ପ୍ରୟାସ ଉପରେ ଗୁରୁତ୍ୱ ଦିଆଯାଇଛି ।

ଆତଙ୍କବାଦ କାର୍ଯ୍ୟକଳାପ ଏବଂ ଆତଙ୍କବାଦୀଙ୍କୁ ସହାୟକ ପ୍ରଦାନ କରୁଥିବା ଗୋଷ୍ଠୀଗୁଡ଼ିକୁ ପ୍ରତିହତ କରିବା ଲକ୍ଷ୍ୟରେ ସହଯୋଗକୁ ଆହୁରି ସୁଦୃଢ଼ କରିବାକୁ ଉଭୟ ନେତା ସହମତ ହୋଇଛନ୍ତି । ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳ ଆଭିମୁଖ୍ୟ ଉପରେ ଆଲୋକପାତ କରି ଉଭୟ ପକ୍ଷ ଦ୍ୱିପାକ୍ଷିକ ତଥା ବହୁପକ୍ଷିୟ ସହଯୋଗ ବୃଦ୍ଧି କରିବାକୁ ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି । ଏଥିରେ ମିଳିତ ଜାତିସଂଘ ଏବଂ ଆର୍ଥିକ କାର୍ଯ୍ୟକ୍ଷେତ୍ର ଅନ୍ତର୍ଭୁକ୍ତ । ଆତଙ୍କବାଦ କାର୍ଯ୍ୟକଳାପ ବିରୁଦ୍ଧରେ ଉଭୟ ଦେଶ

ସେମାନଙ୍କର ଘରୋଇ ଆଇନ୍ ଏବଂ ଆନ୍ତର୍ଜାତିକ ଦାୟିତ୍ୱ ଅନୁଯାୟୀ ସୂଚନା ଆଦାନ ପ୍ରଦାନକୁ ଅଧିକ ସଶକ୍ତ କରିବା ନେଇ ସହମତ ହୋଇଛନ୍ତି ।

ଦୁଇ ଦେଶ ମଧ୍ୟରେ ଏ ସଂକ୍ରାନ୍ତ ଏକ ବୁଝାମଣାପତ୍ର ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବାର ଆଶା ରହିଛି । ଆତଙ୍କବାଦ ବିରୋଧି, ଅନ୍ତଃରାଷ୍ଟ୍ରୀୟ ଅପରାଧି, ସାଇବର ସୁରକ୍ଷା, ଆଧୁନିକ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା ଶିଳ୍ପ, ସାମୁଦ୍ରିକ ସୁରକ୍ଷା ଏବଂ ମହାକାଶ କ୍ଷେତ୍ର ସହଯୋଗକୁ ଅଧିକ ବ୍ୟାପକ କରିବା ଲକ୍ଷ୍ୟ ନେଇ ଭାରତ-ଇଣ୍ଡୋନେସିଆ ତୃତୀୟ ପର୍ଯ୍ୟାୟ ସୁରକ୍ଷା ଆଲୋଚନାକୁ ଉଭୟ ପକ୍ଷ ସ୍ୱାଗତ କରିଛନ୍ତି ।

ଆର୍ଥିକ ଏବଂ ବାଣିଜ୍ୟ ସହଯୋଗ ଉପରେ କେନ୍ଦ୍ରୀଭୂତ ଆଲୋଚନାରେ ୨୦୪୭ ବିକଶିତ ଭାରତ ଦୃଷ୍ଟିକୋଣ ଏବଂ ୨୦୪୫ ଇଣ୍ଡୋନେସିଆ ଏମସ୍ ଉପରେ ଉଭୟ ନେତା ମତବିନିମୟ କରିଛନ୍ତି । ରାଷ୍ଟ୍ରପତି ସୁବିଆନ୍ତୋଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଭାରତ ଗସ୍ତ ପାଇଁ ଆମନ୍ତ୍ରଣ କରିଛନ୍ତି ।

## ଜୟଶଙ୍କର-ବାହାରିନ୍

ଭାରତ-ବାହାରିନ୍ ଦ୍ୱିପାକ୍ଷିକ ସମ୍ପର୍କ ଅଧିକ ସୁଦୃଢ଼ ହେଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି । ଡକ୍ଟର

ଜୟଶଙ୍କରଙ୍କ ବାହାରିନ୍‌କୁ ଦୁଇଦିନିଆ ଗସ୍ତ ଗତକାଲି ଶେଷ ହୋଇଛି । ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ବାହାରିନ୍‌ର ରାଜା ହମାଦ ବିନ୍ ଇସା ଅଲ୍ ଖଲିଫାଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ । କ୍ରାଉନ୍ ପ୍ରିନ୍ସ ତଥା ପ୍ରଧାନମନ୍ତ୍ରୀ ଫ୍ରିନ୍ସ ସଲମାନ୍ ବିନ୍ ହମାଦ୍ ଅଲ୍ ଖଲିଫା ଏହି ଆଲୋଚନା ବୈଠକରେ ଉପସ୍ଥିତ ଥିଲେ । ସେଠାକାର ଉପପ୍ରଧାନମନ୍ତ୍ରୀ ଶେଖ୍ ଖାଲିଦ୍ ବିନ୍ ଅବଦୁଲ୍ଲା ଅଲ୍ ଖଲିଫାଙ୍କ ସହ ମଧ୍ୟ ଡକ୍ଟର ଜୟଶଙ୍କର ପୃଥକ ଭାବେ ବୈଠକରେ ଯୋଗଦେଇଥିଲେ ।

ଦୁଇ ଦେଶ ମଧ୍ୟରେ ଦୀର୍ଘକାଳୀନ ତଥା ବନ୍ଧୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତର ଅଙ୍ଗୀକାରବଦ୍ଧତା ଉପରେ ଡକ୍ଟର ଜୟଶଙ୍କର ଆଲୋଚନାକାଳରେ ମତ ଉପସ୍ଥାପନ କରିଛନ୍ତି । ସେଠାରେ ଭାରତୀୟ ସମ୍ପ୍ରଦାୟଙ୍କ ସୁରକ୍ଷା ଏବଂ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ନେଇ ଡକ୍ଟର ଜୟଶଙ୍କର ବାହାରିନ୍‌ର ନେତୃତ୍ୱକୁ ଉଚ୍ଚ ପ୍ରଶଂସା କରିଛନ୍ତି । ଗସ୍ତ ଅବସରରେ ଡକ୍ଟର ଜୟଶଙ୍କର ପ୍ରବାସୀ ଭାରତୀୟ ସମ୍ପ୍ରଦାୟଙ୍କ ସହ ମଧ୍ୟ ଭାବ ବିନିମୟ କରିଛନ୍ତି ।

ସୂଚନା ଯୋଗ୍ୟ ଡକ୍ଟର ଜୟଶଙ୍କର କାତାର, ବାହାରିନ୍, କ୍ୱେତ୍, ଓମାନ୍, ନ୍ୟୁୟର୍କ ଏବଂ ବ୍ରସେଲ୍ସକୁ ୧୧ ଦିନିଆ ଗସ୍ତରେ ଅଛନ୍ତି ।

# ପିଏମ୍‌ଓ-ଏଲ୍-ନିନୋ

ଏଲ୍-ନିନୋର ସମ୍ଭାବ୍ୟ ପ୍ରଭାବ ଏବଂ ଏ ନେଇ ବିଭିନ୍ନ କ୍ଷେତ୍ରରେ ପ୍ରସ୍ତୁତି ସଂକ୍ରାନ୍ତ ଏକ ସମୀକ୍ଷା ବୈଠକ ଗତକାଲି ଅନୁଷ୍ଠିତ ହୋଇଯାଇଛି । ନୂଆଦିଲ୍ଲୀର ସେବାତୀର୍ଥଠାରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ. ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୧୫ରୁ ଅଧିକ ମନ୍ତ୍ରଣାଳୟ ସଚିବ ଓ ବରିଷ୍ଠ ପଦାଧିକାରୀ ଯୋଗଦେଇଥିଲେ । ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ରାଜ୍ୟଗୁଡ଼ିକ ସହିତ ସମନ୍ୱୟ ରକ୍ଷା ମାଧ୍ୟମରେ ପଦକ୍ଷେପ ଗ୍ରହଣ କରିବାକୁ ଡକ୍ଟର ମିଶ୍ର ପରାମର୍ଶ ଦେଇଛନ୍ତି । ପ୍ରଭାବର ମୂଲ୍ୟାଙ୍କନ କରାଯିବା ସହିତ ଏହାର ସମାଧାନ ପନ୍ଥାନେଇ କାର୍ଯ୍ୟ କରିବାକୁ ଡକ୍ଟର ମିଶ୍ର କହିଛନ୍ତି । ଏଲ୍-ନିନୋ ପ୍ରଭାବିତ ଅଞ୍ଚଳରେ ପାନୀୟ ଜଳର ପର୍ଯ୍ୟାପ୍ତ ଉପଲବ୍ଧତାକୁ ଉଚ୍ଚ ପ୍ରାଥମିକତା ପ୍ରଦାନ କରିବାକୁ ଡକ୍ଟର ମିଶ୍ର କହିଛନ୍ତି ।

ବୈଠକରେ ଭାରତୀୟ ପାଣିପାଗ ବିଭାଗର ଅଧିକାରୀ ଜୁନ୍ ଏବଂ ଜୁଲାଇ ମାସର ବର୍ଷା ସ୍ଥିତି ନେଇ ରିପୋର୍ଟ ଉପସ୍ଥାପନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କୃଷି ବିଭାଗର ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ବିଭାଗ ପକ୍ଷରୁ ଏଲ୍-ନିନୋର ପ୍ରଭାବର ମୁକାବିଲା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ଉପରେ ବୈଠକରେ ରିପୋର୍ଟ୍ ଉପସ୍ଥାପନ କରିଛନ୍ତି ।

# ୟୁଏସ୍-ଇରାନ୍ ଆଟାକ୍

ଇରାନ୍ ବିରୁଦ୍ଧରେ ଆମେରିକୀୟ ସେନା ନୂତନ ସାମରିକ ପଦକ୍ଷେପ ଗ୍ରହଣ କରିଛି । ହର୍ମୁଜ୍ ପ୍ରଣାଳୀରେ ତିନୋଟି ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକୀୟ ସେନା ଏହି ପଦକ୍ଷେପ ଗ୍ରହଣ କରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ ଏ ସମ୍ପର୍କରେ ସୂଚନା ଦେଇଛି । ଜଣେ ଆମେରିକୀୟ ଅଧିକାରୀ କହିଛନ୍ତି, ଇରାନ୍‌ର ବାୟୁ ପ୍ରତିରକ୍ଷା ପ୍ରଣାଳୀ, ଉପକୂଳବର୍ତ୍ତୀ ନିରିକ୍ଷଣ ବ୍ୟବସ୍ଥା, ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇପାରୁଥିବା ଜାହାଜ ପ୍ରତିରୋଧି କ୍ରୁଜ୍ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଉତ୍କ୍ଷେପଣ ସ୍ଥଳକୁ ଲକ୍ଷ୍ୟ ରଖି ଆମେରିକା ସେନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି ।

କ୍ୱେସନ୍ ଏବଂ ବନ୍ଦର ନିକଟବର୍ତ୍ତୀ ଆବାସ ସ୍ଥଳୀଗୁଡ଼ିକରେ ବିସ୍ଫୋରଣ ହୋଇଥିବା ନେଇ ଇରାନ୍‌ର ସରକାରୀ ଗଣମାଧ୍ୟମ ସୂଚନା ଦେଇଛି । ଇରାନ୍‌ର ଉପ-ବୈଦେଶିକ ମନ୍ତ୍ରୀ କାଜେମ୍ ଘାରିବାବାଦି କହିଛନ୍ତି, ଆମେରିକାର ଏଭଳି ପଦକ୍ଷେପ ଯୁଦ୍ଧ ବିରତି ଚୁକ୍ତିକୁ ଉଲ୍ଲଙ୍ଘନ କରୁଛି । ଅନ୍ୟ ପକ୍ଷରେ ଇରାନ୍ ତୈଳ ବିକ୍ରୟ ନେଇ ଗ୍ରହଣ କରାଯାଇଥିବା ନିଷ୍ପତ୍ତିକୁ ଆମେରିକା ପ୍ରତ୍ୟାହାର କରିଥିବା ଜଣାପଡ଼ିଛି ।

ଆମେରିକାର ଏଭଳି ପଦକ୍ଷେପକୁ ଇରାନ୍‌ର ବୈଦେଶିକ ମନ୍ତ୍ରଣାଳୟ ଦୃଢ଼ ନିନ୍ଦା କରିଛି ।

## ଭେନ୍‌ଜୁଏଲା

ଭେନ୍‌ଜୁଏଲା ଭୂକମ୍ପରେ ମୃତ୍ୟୁ ସଂଖ୍ୟା ୩ହଜାର ୬୮୫କୁ ବୃଦ୍ଧି ପାଇଛି । ଗତ ମାସ ୨୪ ତାରିଖରେ କ୍ରମାଗତ ଭାବେ ସେଠାରେ ଦୁଇଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଥିଲା । ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୭ ଦଶମିକ୍ ୨ ଏବଂ ୭ ଦଶମିକ୍ ୫ ରେକର୍ଡ଼ କରାଯାଇଛି । ଗତ କିଛି ଦିନ ମଧ୍ୟରେ ମୃତ୍ୟୁ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏପର୍ଯ୍ୟନ୍ତ ୧୬ ହଜାର ୭୪୦ ଜଣ ଆହତ ହୋଇଥିବା ଜଣାପଡ଼ିଛି । ବହୁ ଲୋକ ନିଖୋଜ ହୋଇଥିବା ରିପୋର୍ଟ୍ କରାଯାଇଛି । ରାଜଧାନୀ କାରାକାସ୍ ନିକଟବର୍ତ୍ତୀ ସିମୋନ୍ ବୋଲିଭର୍ ଆନ୍ତର୍ଜାତିକ ବିମାନବନ୍ଦର ଭୂକମ୍ପ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି । ଫଳରେ ଆନ୍ତଃ ଦେଶୀୟ ଏବଂ ବର୍ହିଦେଶୀୟ ବିମାନ ପରିବହନ ପ୍ରଭାବିତ ହେଉଛି । ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଡେଲ୍‌ସି ରୋଡ୍ରିଗେଜ୍ କହିଛନ୍ତି, ବିକଳ୍ପ ରନ୍‌ୱେ ବ୍ୟବହାର ମାଧ୍ୟମରେ ବିମାନ ବନ୍ଦରକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ ଜାରି ରହିଛି ।

# ପୁରି-ବିକ୍‌ସିତ୍ ଭାରତ କନ୍‌କ୍ଲେଭ୍

ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ହରଦୀପ ସିଂହ ପୁରି କହିଛନ୍ତି, ଆନ୍ତର୍ଜାତିକ କ୍ଷେତ୍ରରେ ଅଶୋଧିତ ତୈଳ ମୂଲ୍ୟ ସ୍ଥିର କିମ୍ବା ହ୍ରାସ ପାଇଲେ ଘରୋଇ କ୍ଷେତ୍ରର ମୂଲ୍ୟ ନିର୍ଦ୍ଧାରଣ ଦିଗରେ ସକାରାତ୍ମକ ପରିବର୍ତ୍ତନର ସମ୍ଭାବନା ରହିଛି । ନୂଆଦିଲ୍ଲୀରେ ବିକଶିତ ଭାରତ ସମ୍ମିଳନୀ ୨୦୨୬କୁ ଗତକାଲି ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ପୁରି କହିଛନ୍ତି, କୂଟନୈତିକ ସମ୍ପର୍କ, ସମୟୋଚିତ ନୀତିଗତ ନିଷ୍ପତ୍ତି, ଘରୋଇ ଉତ୍ପାଦନ ବୃଦ୍ଧି ଆଦି ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ତଥା ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ସାମ୍ପ୍ରତିକ ବିଶ୍ୱ ଆହ୍ୱାନକୁ ଭାରତ ସଫଳତାର ସହ ମୁକାବିଲା କରିପାରିଛି ।

ଶକ୍ତି ଯୋଗାଣ କ୍ଷେତ୍ରରେ ସଠିକ୍ ତଥା ସମୟୋଚିତ ପଦକ୍ଷେପ ଯୋଗୁଁ ଘରୋଇ କ୍ଷେତ୍ରରେ ଏଲ୍.ପି.ଜି.ର ନିରନ୍ତର ଯୋଗାଣ ସୁନିଶ୍ଚିତ ହୋଇପାରିଛି । ପ୍ରଭାବଶାଳୀ କୂଟନୈତିକ ପ୍ରୟାସ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଦେଇ ଭାରତୀୟ ପରିବହନ ଜାହାଜଗୁଡ଼ିକ ସହଜ ତଥା ସୁଗମ ଭାବେ ଅତିକ୍ରମ କରିପାରିଛି ବୋଲି ଶ୍ରୀ ପୁରି କହିଛନ୍ତି । ଇନ୍ଧନ ମୂଲ୍ୟ ଉପରେ ଆଲୋକପାତ କରି ଶ୍ରୀ ପୁରି କହିଛନ୍ତି, ଗତ ୪ ବର୍ଷ ମଧ୍ୟରେ ଭାରତରେ ପେଟ୍ରୋଲ ଓ ଡିଜେଲ୍ ମୂଲ୍ୟ ଅନ୍ୟ ରାଷ୍ଟ୍ର ତୁଳନାରେ ସର୍ବନିମ୍ନ ରହିଛି ।

# କ୍ରିକେଟ୍

ଭାରତ-ଇଂଲଣ୍ଡ ଚଳିତ ଟି-ଟ୍ୱେଣ୍ଟି ପୁରୁଷ କ୍ରିକେଟ୍ ସିରିଜ୍‌ର ଗତକାଲିର ତୃତୀୟ ମ୍ୟାଚ୍‌ରେ ଇଂଲଣ୍ଡ ବିଜୟୀ ହୋଇଛି । ନଟିଂହାମ୍‌ର ଟେଷ୍ଟବ୍ରିଜ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଇଂଲଣ୍ଡ ୧୨୫ରନ୍‌ରେ ଭାରତକୁ ପରାସ୍ତ କରିଛି । ପାଞ୍ଚ ଟିକିଆ ସିରିଜ୍‌ରେ ଇଂଲଣ୍ଡ ୨-୦ରେ ଆଗୁଆ ହୋଇଛି । ଟସ୍ ଜିତି ଭାରତ' ଇଂଲଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଇଂଲଣ୍ଡ ୭ ୱିକେଟ୍ ବିନିମୟରେ ୨୦୧ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ଫିଲିପ୍ ସଲ୍ଟ ସର୍ବାଧିକ ୭୦ରନ୍ ସଂଗ୍ରହ କରିଥିଲେ । ୨୦୨ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଭାରତ ୧୧ ଓଭର ଏବଂ ୪ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ମାତ୍ର ୭୬ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ଇଂଲଣ୍ଡର ଜୋଫ୍ରା ଆର୍ଚରଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି । ସିରିଜ୍‌ର ଚତୁର୍ଥ ଏବଂ ପଞ୍ଚମ ମ୍ୟାଚ୍ ବ୍ରିଷ୍ଟୋଲ୍ ଓ ସାଉଥମ୍ପଟନ୍‌ଠାରେ ଖେଳାଯିବ । ଏହି ସିରିଜ୍ ପରେ ଦୁଇ ଦଳ ମଧ୍ୟରେ ୩ଟିକିଆ ଦିନିକିଆ ଆନ୍ତର୍ଜାତିକ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି ।

# ଫିଫା

ଫିଫା ବିଶ୍ୱକପ୍ ଫୁଟବଲ୍ ପ୍ରତିଯୋଗିତାରେ ସ୍ୱିଜରଲାଣ୍ଡ ଏବଂ ଆର୍ଜେଣ୍ଟିନା କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଭାଙ୍କୋଭରଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ପେନାଲ୍ଟି ସୁଟ୍‌ଆଉଟ୍‌ରେ ସ୍ୱିଜରଲାଣ୍ଡ କଲମ୍ବିଆକୁ ୪-୩ ଗୋଲ୍‌ରେ ପରାସ୍ତ କରିଛି । ଏହି ବିଜୟ ସହ ସ୍ୱିଜରଲାଣ୍ଡ ପ୍ରଥମଥର ପାଇଁ ଫୁଟ୍‌ବଲ୍ ବିଶ୍ୱକପ୍‌ର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟରେ ପହଞ୍ଚିଛି । ଅଟ୍‌ଲାଣ୍ଟାଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଆର୍ଜେନଣ୍ଟିନା ୩-୨ ଗୋଲ୍‌ରେ ଇଜିପ୍ଟକୁ ପରାସ୍ତ କରିଛି ।